# Akashvani, Sambalpur

## SAMBALPURI NEWS EVENING BULLETIN

## 1 June 2026-7.02- 7.12 pm.

---

୧- ଭୁବ୍‌ନେଶ୍ୱର୍ ନ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ ଶୁନ୍‌ଲେ ମୁଖ୍ୟମନ୍ତ୍ରୀ ।

- ଗଲା ୧୭ ଟା ଶିବିର୍‌ଥି ୯୬ ପ୍ରତିଶତ୍ ଅଭିଯୋଗ୍‌ର ହେଇଛେ ସମାଧାନ୍ ।

୨- ଓଡ଼ିଶାର୍ ଗୁଟେ ରାଜ୍ୟସଭା ଆସନ୍‌ଥି ଉପନିର୍ବାଚନ୍ ଲାଗି ବାହାର୍‌ଲା ବିଜ୍ଞପ୍ତି ।

୩- ଆଏଜ୍‌ଠାନୁ କାର୍ଯ୍ୟକ୍ଷମ୍ ହେଲା ରାୟଗଡ଼ା ରେଲ୍‌ଡିଭିଜନ୍ ।

ଆଉର୍

୪- ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ନ ମୁଲ୍ ହେଲା ମୁଖ୍ୟମନ୍ତ୍ରୀ ଟ୍ରଫି-୨୦୨୬ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍ନେଶ୍ୱର୍ ନ ସାଧାରଣ୍ ଲୁକଙ୍କର୍ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କରିଛନ୍ । ୧୭ ଟା ପାଲିଥି ଗ୍ରହଣ୍ କରାଯାଇଥିବା ୧୪ ହଜାର୍ ୬ ଶହ ୫୧ ଟା ଅଭିଯୋଗ୍ ଭିତ୍ରୁ ୧୪ ହଜାର୍ ୪୬ ଟା ଅଭିଯୋଗ୍ ସମାଧାନ୍ କରାଯାଇଛେ । ଜିଲ୍ଲାସ୍ତର୍ଥି ୨ ବଛ୍ରେ ୯୨ ପ୍ରତିଶତ୍ ଅଭିଯୋଗ୍ର ସମାଧାନ୍ ହେଇଛେ । ଆଏଜ୍ ୬ ଶହ ନୁ ଅଏତ୍କା ଅଭିଯୋଗ୍ ଗ୍ରହଣ୍ କରାଯାଇଥିବାର୍ ବେଲେ ୧୩ ଝନ୍ ରୋଗୀଙ୍କୁ ୩ ଲାଖ୍ ୬୦ ହଜାର୍ ଟଙ୍କାର୍ ଚିକିତ୍ସା ସାହାଜ୍ ଆଉ ଝନ୍କୁ ୨ ଲାଖ୍ ଟଙ୍କାର୍ ଅନୁକମ୍ପା ମୂଲକ୍ ସାହାଜ୍ ମଞ୍ଜୁର୍ କରାଯାଇଛେ । ଅଭିଯୋଗ୍ ଶୁଣାଣି ଆମର୍ ପ୍ରଶାସନିକ୍ ବ୍ୟବସ୍ଥାର୍ ଗୁଟେ ଅଭିନ୍ନ ଅଙ୍ଗ ହେଇଛେ । ଖରା ମାସ୍ ଉତ୍ରୁ ଭିନ୍ ଭିନ୍ ଜିଲ୍ଲା ନ ଶୁଣାଣି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଶୁଣାଣିଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ , ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ଭିନ୍ ଭିନ୍ ବିଭାଗ୍ର ମନ୍ତ୍ରୀ , ସଚିବ ଆଉ ଅଧିକାରୀ ମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟସଭା ନିର୍ବାଚନ୍          ହି.ସ.

ଓଡ଼ିଶା ସହେତେ ମହାରାଷ୍ଟ୍ର ଆଉ ତାମିଲ୍‌ନାଡୁ ରାଜ୍ୟ ନ ଖାଲି ପଡ଼ିଥିବା ଗୁଟେ ଲେଖା ରାଜ୍ୟସଭା ଆସନ୍‌ର ଉପ ଉପନିର୍ବାଚନ୍ ଲାଗି ଆଏଜ୍ ବିଜ୍ଞପ୍ତି ବାହାରିଛେ। ସାଂସଦ୍ ଦେବାଶିଷ୍ ସାମନ୍ତରାୟଙ୍କର୍ ଇସ୍ତଫା ଉତ୍‌ରୁ ଓଡ଼ିଶାର୍ ଗୁଟେ ଆସନ୍ ଖାଲି ପଡ଼ିଛେ। ରାଜ୍ୟସଭା ଉପ ନିର୍ବାଚନ୍ ଲାଗି ରିଟର୍ଣ୍ଣିଂ ଅଫିସର୍ ଭାବେ ବିଧାନ୍‌ସଭା ସଚିବ ସତ୍ୟବ୍ରତ ରାଉତ୍ ଆଉ ଯୁଗ୍ମସଚିବ ବିଦ୍ୟାଧର୍ ମାଝୀଙ୍କୁ ସହାୟକ ରିଟର୍ଣ୍ଣିଂ ଅଫିସର୍ ଭାବେ ଭାରତ୍‌ର ନିର୍ବାଚନ୍ ଆୟୋଗ୍ ନିଯୁକ୍ତି ଦେଇଛନ୍। ଆଏବା ୮ ତାରିଖ୍‌କେ ପ୍ରାର୍ଥୀପତ୍ର ଦାଖଲ୍‌ର ଶେଷ୍ ଦିନ୍ ଧାରିଜ୍ କରାଯାଇଛେ। ୯ ତାରିଖ୍ ପ୍ରାର୍ଥୀପତ୍ର ଯାଂଚ୍ କରାଯିବା। ୧୧ ତାରିଖ୍ ଉପର୍‌ବେଲା ୩ ବଜେତକ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ ଲାଗି ସମିଆ ଧାରିଜ୍ କରାଯାଇଛେ। ୧୮ ତାରିଖ୍ ସଖାଲର୍ ୯ ନୁ ୪ ବଜେତକ୍ ଭୋଟ୍ ହେଇକରି ଫଲାଫଲ୍ ଘୋଷ୍‌ନା କରାଯିବା।

ଜାତୀୟ ରାଜ୍‌ପଥ୍ ପ୍ରକଳ୍ପ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ରୋଡ୍ ନେଟ୍‌ୱାର୍କ କ୍ଷେତ୍ରଥି ଓଡ଼ିଶା ସାରା ଦେଶେ ସମୃଦ୍ଧ ରାଜ୍ୟ ହେବା ବଲି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍। ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ୫୦ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ତିଆର୍ ହଉଥିବା ୪୮ ଟା ଜାତୀୟ ରାଜ୍‌ପଥ୍ ପ୍ରକଳ୍ପର୍ ଅଗ୍ରଗତିର୍ ମନ୍ତ୍ରୀ ସମୀକ୍ଷା କରିଛନ୍। ଇ ସବୁ ପ୍ରକଳ୍ପ ମାନ୍‌କୁ ଧାରିଜ୍ ସମିଆଥି ଶେଷ୍ କର୍‌ବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍। ମନ୍ତ୍ରୀ ଆହୁରି କହିଛନ୍, ରାଏଜେ ୧ ହଜାର୍ ୭ ଶହ ୨୧ କୋଟି ଟଙ୍କାର୍ ୪୯ ଟା ପ୍ରକଳ୍ପ କାମ୍ ଶେଷ୍ ହେଇଛେ। ଆଉ ସେସବୁ ଖୋବ୍ ଜଲ୍‌ଦି ଲୋକାର୍ପିତ୍ ହେବା ବଲି ମନ୍ତ୍ରୀ କହିଛନ୍। ସେନ୍ତା ୧୨ ହଜାର୍ ଶହେ ୨ କୋଟି ଟଙ୍କାର୍ ୪୭ ଟା ନୂଆଁ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଭିଲ୍ ଖୋବ୍ ଜଲ୍‌ଦି ଥାପ୍‌ନା କରାଯିବା। କେନ୍ଦ୍ର ସର୍‌କାର୍ ଓଡ଼ିଶାକେ ଅଏତ୍‌କା ପାଣ୍ଠି ଦେବାର୍‌କେ ପ୍ରସ୍ତୁତ୍ ଥିବାର୍‌ନୁ ଯୋଜ୍‌ନାବଦ୍ଧ ଭାବେ କାମ୍ କର୍‌ବାର୍‌କେ ସେ

ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ବୈଠକ୍‌ଥି ୩୦ ଟା କାମ୍ ଚାଲୁଥିବା, ୧୪ ଟା କାର୍ଯ୍ୟାଦେଶ୍ ହେବାର୍‌କେ ଥିବା ଆଉ ୪ ଟା ଟେଣ୍ଡର୍ ପ୍ରକ୍ରିୟାଥି ଥିବା ପ୍ରକଳ୍ପ ବାବ୍‌ଦେ ଆଲୋଚନା ହେଇଛେ ।

ବ୍ରିକ୍ସ ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିପର୍ଯ୍ୟୟ ପରିଚାଲନାକେ ନେଇକରି ପୁରୀ ନ ବିକ୍ସ ରାଷ୍ଟ୍ର ସମୂହର୍ ୨ ନମ୍ବର୍ ବୈଷୟିକ୍ ବୈଠକ୍ ଆଏବା ବୁଧବାର୍ ଦିନ ମୁଲ୍ ହେବା । ବୈଠକ୍‌ଥି ବ୍ରିକ୍ସ ଦେଶ୍ ମାନ୍‌କର୍ ପ୍ରତିନିଧି ଆଉ ବିଶେଷଜ୍ଞମାନେ ଯୋଗ୍‌ଦେଇକରି ବିପର୍ଯ୍ୟୟ ପରିଚାଲନା, ପ୍ରତିରୋଧ୍ କ୍ଷମତା ବଢ଼ାବାର୍ ଆଉ ଅନ୍ତର୍ଜାତୀୟ ସହଯୋଗ୍ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କର୍‌ବେ । ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ଋଷିଆ ଆର୍ ଦକ୍ଷିଣ ଆଫ୍ରିକା ବାଗିର୍ ଦେଶର୍ ପ୍ରତିନିଧିମାନେ ସମ୍ମିଳନୀଥି ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନୀ ସମାବେଶ୍‌ଥି ଯୋଗ୍ ଦେବେ ବଲି ରାଜସ୍ୱ

ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇ ସମ୍ମିଳନୀ ଆଏବା ଶୁକ୍ରବାର୍‌ତକ୍ ଚାଲ୍‌ବା ।

ଜେଇଇ ଏଡ୍‌ଭାନ୍ସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା- ଜେଇଇ ଏଡ୍‌ଭାନ୍ସ ୨୦୨୬ ର ଫଲାଫଲ୍ ଆଏଜ୍ ବାହାରିଛେ । ଧାରିଜ୍ ସମିଆ ଆଘୋନୁ ଆଇଆଇଟି ରୁର୍‌କି ପରୀକ୍ଷା ଫଲ୍ ଘୋଷ୍‌ନା କରିଛେ । ଇ ବଛର୍ ୫୬ ହଜାର୍ ୮ ଶହ ୮୦ ଝନ୍ ପରୀକ୍ଷାର୍ଥୀ ପାସ୍ କରିଛନ୍ । ଜେଇଇ ଏଡ୍‌ଭାନ୍ସ ଲାଗି ୧ ଲାଖ୍ ୮୭ ହଜାର୍ ୩ ଶହ ୮୯ ଝନ୍ ଛାତ୍ରଛାତ୍ରୀ ପଞ୍ଜିକରଣ୍ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କୃତକାର୍ଯ୍ୟ ହେଇଥିବା ଛାତ୍ରଛାତ୍ରୀମାନ୍‌କୁ ଶୁଭେଛା ଜନେଇକରି କହିଛନ୍, ଇଟା ସେମାନ୍‌କର୍ ସଫଲତା, କଠିନ୍ ପରିଶ୍ରମ୍, ନିଷ୍ଠା ଆଉ ଇଛା ଶକ୍ତିର୍ ପରିଚୟ ଆଏ ।

କ୍ଷେତ୍ ବଚାଓ ଅଭିଯାନ୍        ଆର୍ଏନ୍ୟୁ/ ସମ୍ବଲପୁର

ସାରା ଦେଶେ ଆଏଜ୍ଠାନୁ କ୍ଷେତ୍ ବଚାଓ ଅଭିଯାନ୍ ମୁଲ୍ ହେଇଛେ । କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଆଏଜ୍ ମଧ୍ୟପ୍ରଦେଶ୍ର ରାୟସେନ ଜିଲ୍ଲା ନ ଅଭିଯାନ୍ର ଶୁଭାରମ୍ଭ କରିକରି କହିଛନ୍, ଧରତୀମାତାର୍ ସୁରକ୍ଷା ଲାଗି ଚାଷ୍ କାମ୍ଥି ସନ୍ତୁଲିତ୍ ସାର୍ ବେଭାର୍ କର୍ବାର୍କେ ପଡ଼୍ବା । ଚାଷ୍ ଜମିନ୍ଥି ରାସାୟନିକ୍ ସାର୍ର କମ୍ସେ କମ୍ ବେଭାର୍, ଜୈବିକ୍ ଚାଷ୍ ଆଉ ଚାଷୀମାନ୍କୁ ଠିକ୍ ସମିଆଥି ସୂଚ୍ନା ଦେବାର୍ ଜରିଏ ପଂଚାୟତ୍ସ୍ତର୍ ନ ଜନଭାଗିଦାରିତାକେ ସଶକ୍ତ କର୍ବାର୍ଟା ଇ ଅଭିଯାନ୍ର ମୁଖ୍ୟ ଉଦ୍ଦେଶ୍ୟ ଆଏ । ଇ ଅଭିଯାନ୍ ଆଏବା ୩୦ ତାରିଖ୍ତକ୍ ଚାଲ୍ବା ।

ରାୟଗଡ଼ା ରେଲ୍ ଡିଭିଜନ୍        ଆର୍ଏନ୍ୟୁ/ ସମ୍ବଲପୁର

ରାୟଗଡ଼ା ରେଲ୍ ଡିଭିଜନ୍ ଆଏଜ୍‌ଠାନୁ କାର୍ଯ୍ୟକ୍ଷମ୍ ହେଇଛେ । ଇ ନୂଆଁ ଡିଭିଜନ୍ ଅଧୀନ୍‌ଥି କୋରାପୁଟ, ସିଙ୍ଗାପୁର୍‌ରୋଡ୍, କିରନ୍ଦୁଲ୍, ଗୁଣୁପୁର୍ ଆର୍ ପାରଳା ସହେତେ ଦକ୍ଷିଣ୍ ଓଡ଼ିଶାର୍ ଅଲ୍‌ଗା କେତେଟା ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍‌କେ ସାମିଲ୍ କରାଯାଇଛେ । ରାୟଗଡ଼ା ଡିଭିଜନ୍ ଅଧୀନ୍‌ଥି ୬ ଶହ ୯୬ କିଲୋମିଟର୍ ରେଲ୍‌ପଥ୍ ରହିଛେ । ୬ ଶହ ନୁ ଅଏତ୍‌କା ଅଧିକାରୀ ଆଉ ରେଲ୍‌କର୍ମଚାରୀ ରାୟଗଡ଼ା ନ କାମ୍ କର୍‌ବେ । ଇ ଡିଭିଜନ୍ ୪୦ ମିଲିୟନ୍ ଟନ୍ ନୁ ଅଏତ୍‌କା ମାଲ୍ ପରିବହନ୍ କର୍‌ବା ବଲି ଜନାପଡ଼ିଛେ ।

ସୁପ୍ରିମ୍‌କୋର୍ଟ ସ୍ୱତନ୍ତ୍ର ଲୋକ୍ ଅଦାଲତ୍     ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁପ୍ରିମ୍‌କୋର୍ଟଙ୍କର୍ ସ୍ୱତନ୍ତ୍ର ଲୋକ୍ ଅଦାଲତ୍ ସମାଧାନ୍ ସମାରୋହ ୨୦୨୬ ଆଏବା ଅଗଷ୍ଟ୍ ୨୧, ୨୨ ଆଉ ୨୩ ତାରିଖ୍ ଦିନ ହେବା । ଇଥି ବୈବାହିକ୍ ବିବାଦ, ମୋଟର୍ ଯାନ ଦୁର୍ଘଟଣା, ଚେକ୍ ବାଉନ୍ସ, ଜମି ଅଧିଗ୍ରହଣ୍ ଆର୍ ଶ୍ରମ ବିବାଦ୍ ସହେତେ ଅଲ୍‌ଗା ଆପୋଷ୍ ଯୋଗ୍ୟ ମାମ୍‌ଲାର୍ ସହମତି ଭିତିଥି

ସମାଧାନ୍ କରାଯିବା । ଇଚ୍ଛୁକ୍ ପକ୍ଷମାନେ ସୁପ୍ରିମ୍‌କୋର୍ଟଙ୍କର୍ ୱେବ୍‌ସାଇଟ୍ www.sci.gov.in ଥି ଥିବା ଗୁଗୁଲ୍ ଫର୍ମ ଭରିକରି ଆବେଦନ୍ କରିପାର୍‌ବେ ।

ଯୋଗଦିବସ          ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏବା ୨୧ ତାରିଖ୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ଅବ୍‌ସରେ ରାଜ୍ୟସ୍ତରୀୟ ଯୋଗ ଶିବିର୍ ଆୟୋଜନ୍ ହେବା । ଯୋଗ ମହୋତ୍ସବ୍ ସମିତି କ୍ରୀଡ଼ା ଆଉ ଯୁବବ୍ୟାପାର୍ ବିଭାଗ୍ ତର୍‌ଫୁ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ଇ ବାବଦ୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନ୍ତର୍ଜାତୀୟ ଯୋଗଦିବସ୍‌ଥି ଉପସ୍ଥିତ୍ ରହେବାର୍ ସହେତେ ସବୁ ଜିଲ୍ଲା ଆଉ ବ୍ଲକ୍ ମୁଖ୍ୟାଳୟ ଆଉ ପଂଚାୟତ୍ ସମିତି ସ୍ତର୍‌ଥି ଯୋଗଦିବସ୍ ପାଳନ୍ କରାଯିବା ବଲି ବୈଠକ୍‌ଥି ସ୍ଥିର୍ କରାଯାଇଛେ । ଅନ୍ତର୍ଜାତୀୟ ଯୋଗ ଦିବସ୍‌କେ ଜନ ଆନ୍ଦୋଲନ୍ କରାଯିବାର୍ ସହେତେ ଅଏତ୍‌କାନୁ

ଅଏତ୍‌କା ଲୁକ୍‌କୁ ଯୋଗ ସାଙ୍ଗେ ଜୁଡ଼୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା ହେଇଛେ ।

ବିଶ୍ୱ ଦୁଗ୍ଧ ଦିବସ୍            ଆଇ ଆଣ୍ଡ୍ ପି.ଆର୍

ଗୁରସ୍ ଆର୍ ସେଥୁ ତିଆର୍ ହଉଥିବା ଖାଏବାର୍ ଦରବ୍‌ର ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି’ ବଛର୍ ଜୁନ୍ ୧ ତାରିଖ୍‌କେ ବିଶ୍ୱ ଦୁଗ୍ଧ ଦିବସ୍ ଭାବେ ପାଲନ୍ କରାଯାଉଛେ । ମିଲିତ ଜାତିସଂଘର୍ ଖାଦ୍ୟ ଆଉ କୃଷି ସଂଗଠନ୍ ତର୍‌ଫୁ ପହେଲା କରି ଇ ଦିବସ୍ ପାଲନ୍ କରାଯାଇଥିଲା । ଇ ବଛର୍ ବିଶ୍ୱ ଦୁଗ୍ଧ ଦିବସ୍‌ର ପ୍ରସଙ୍ଗ ରହିଛେ ‘ମହିଲା ଦୁଗ୍ଧ ଚାଷୀମାନ୍‌କୁ ସମ୍ମାନ୍’ ।  ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍‌ଥି କହିଛନ୍, ବିକଶିତ୍ ଭାରତ୍‌ଥି ବିକଶିତ୍ ଓଡ଼ିଶା ଲାଗି ୨୦୩୬ ମସିହାତକ୍ ରାଏଜେ ଗୁରସ୍ ଉତ୍ପାଦନ୍‌କେ ୨ ଗୁନା ବଢ଼ାବାର୍ ଲାଗି ରାଜ୍ୟ ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

ଏସ୍ଆଇଆର୍-ସମ୍ବଲ୍ପୁର୍ ସମ୍ବଲପୁର ସମ୍ବାଦଦାତା

ନିର୍ଭୁଲ୍ ଭୋଟର୍ ତାଲିକା ଲାଗି ସମ୍ବଲ୍ପୁର୍ ଜିଲ୍ଲା ନ ସ୍ୱତନ୍ତ୍ର ସଘନ ସଂଶୋଧନ୍ ପ୍ରକ୍ରିୟା ଏସ୍ଆଇଆର୍ ମୁଲ୍ ହେଇଛେ । ଗଲା ୩୦ ତାରିଖ୍ନୁ ମୁଲ୍ ହେଇଥିବା ଇ ପ୍ରକ୍ରିୟାଥି ୯ ଶହ ୪୮ ଝନ୍ ବିଏଲ୍ଓ ଘର୍ ଘର୍ ଯାଇକରି ତଥ୍ୟ ସଂଗ୍ରହ କର୍ବେ । ଜୁଲାଇ ୫ ତାରିଖ୍ ଚିଠା ଭୋଟଣ୍ ତାଲିକା ବାହାର୍ବା ।

ଏସ୍ଆଇଆର୍ ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲା ନ ଭୋଟର୍ ତାଲିକାଥି ସ୍ୱତନ୍ତ୍ର ସଘନ ସଂଶୋଧନ୍ ପ୍ରକ୍ରିୟା ଏସ୍ଆଇଆର୍ ୨୦୨୬ ବାବଦ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ବୁଥ୍ସ୍ତରୀୟ ଅଧିକାରୀ ବିଏଲ୍ଓ ମାନେ ଘର୍ ଘର୍ ବୁଲିକରି ଭୋଟର୍ମାନ୍କୁପ ରିଗଣନା ଫର୍ମକେ ଠିକ୍ ଭାବେ ଭର୍ବାର୍ ଲାଗି ମାର୍ଗଦର୍ଶନ୍ ଦଉଛନ୍ । ସବୁ ପୌରାଂଚଲ୍ ନ ଏଲ୍ଇଡ଼ି ସ୍କ୍ରିନ୍ ଜରିଏ ସଚେତନତା ମୂଲକ୍ ଭିଡ଼ିଓ ଆଉ ବାର୍ତା ପ୍ରଦର୍ଶନ୍ ସହେତେ କମ୍ୟୁନିଟି

ରେଡ଼ିଓ କେନ୍ଦ୍ର ଜରିଏ ଏସ୍ଆଇଆର୍ ଉପ୍ରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ପ୍ରସାରଣ୍ କରାଯାଉଛେ ।

ଅଭିଯୋଗ୍ ଶୁଣାଣି ବର୍ଗଡ୍/ ସୁବର୍ଣ୍ଣପୁର୍/ ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ବର୍ଗଡ୍ ପଂଚାୟତ୍ ସମିତି କାର୍ଯ୍ୟାଲୟ ନ ହେଇଥିବା ଶିବିର୍ଥି _ଶହେ ୫୯ ଟା ଅଭିଯୋଗ୍ ଆସିଥିଲା । ସେଥିର୍ଭିତ୍ରୁ ୨୦ ଟା ସାମୂହିକ୍ ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ତର୍ଭା ବ୍ଲକ୍ର ବାଲିଖମାର ଗ୍ରାମ୍ପଂଚାୟତ୍ କାର୍ଯ୍ୟାଲୟ ନ ହେଇଥିବା ଶୁଣାଣି ଶିବିର୍ଥି ୪୮ ଟା ଅଭିଯୋଗ୍ ଆସିଥିଲା ।

ନୂଆପଡ଼ା ଜିଲ୍ଲା ସଦର୍ ମହକୁମା ସଦ୍ଭାବନା ସଭାଗୃହ ନ ହେଇଥିବା ଶୁଣାଣି ଶିବିର୍ଥି ୮୨ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁରତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଟ୍ରଫି -୨୦୨୬ ବଲାଙ୍ଗିର୍ ସମ୍ବାଦଦାତା

ଓଡ଼ିଶାର୍ ଖେଲ୍ ପ୍ରତିଭା ମାନ୍‌କୁ ମଜ୍‌ବୁତ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ମୁଖ୍ୟମନ୍ତ୍ରୀ ଟ୍ରଫି -୨୦୨୬ ଆଏଜ୍‌ଠାନୁ ମୁଲ୍ ହେଇଛେ । ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ଅତିରିକ୍ତ ଜିଲ୍ଲାପାଲ୍ ବିଜୟାନନ୍ଦ ସେଠୀ ଯୋଗ୍ ଦେଇକରି ଇତାକେ ଉଦ୍‌ଘାଟନ୍ କରିଛନ୍ । ୩୨ ଟା କ୍ରୀଡ଼ା ଜିଲ୍ଲାର୍ ୧୪ ବଛର୍‌ନୁ କମ୍ ବୟସର୍ ବାଳକ ଆଉ ବାଳିକା ଇଥି ଭାଗ୍ ନେବେ । ସବୁ କ୍ରୀଡ଼ା ଜିଲ୍ଲାକେ ବଲାଙ୍ଗିର୍, ସୁନ୍ଦର୍‌ଗଡ଼୍, ଭୁବ୍‌ନେଶ୍ୱର୍ ଆଉ ବ୍ରହ୍ମପୁର୍ ୪ ଟା ଜୋନ୍‌ଥି ଭାଗ୍ କରାଯାଇଛେ । ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଭା ମାନ୍‌କୁ ବିକଶିତ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ସିଏମ୍ ଟ୍ରଫି ୨ ନମ୍ବର୍ ସଂସ୍କରଣ୍

ମୂଲ୍ କରାଯାଇଛେ । ଇଟା ଆଏବା ୭ ତାରିଖ୍‌ତକ୍ ଚାଲ୍‌ବା ବଲି ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀ ଲାଗି ହେଇଥିବା ବର୍ଷାର୍ ପ୍ରଭାବ୍‌ଥି ତାପମାତ୍ରା ସାମାଏନ୍ କମିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଭିନ୍ ଭିନ୍ ଜାଗା ନ ଆଏବା ୪ ଦିନ୍‌ତକ୍ ବର୍ଷା ଲାଗି ରହେବା । ଆଏବା ୫ ଦିନ୍ ଭିତ୍‌ରେ ଦିନର୍ ସବୁନୁ ଜହ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବାର୍ ସମ୍ଭାବନା ଅଛେ ବଲି ପାଣିପାଗ୍ କେନ୍ଦ୍ର ତରଫୁ ଅନୁମାନ୍ କରାଯାଇଛେ ।